# <u>ମୀନା ବଜାର ନିଲାମ ଇସ୍ତାହାର- ୨୦୨୫</u>

**ପତ୍ର ସଂଖ୍ୟା. ୨୭୦୭** **ତା. ୦୬.୦୬.୨୦୨୫**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତ ନିମନ୍ତେ ଜଣାଇ ଦିଆଯାଉ ଯେ, ଚଳିତ **୨୦୨୫** ବର୍ଷ ରଥଯାତ୍ରା ଉପଲକ୍ଷେ ଗୁଣ୍ଡିଚା ବାଡ଼ି ସମ୍ମୁଖରେ ଥିବା ପଡ଼ିଆଠାରେ ମୀନା ବଜାର ଆୟୋଜନ ନିମନ୍ତେ ନିର୍ଦ୍ଧାରିତ ହୋଇଅଛି।

ଏହି କାର୍ଯ୍ୟାଳୟର ପତ୍ର ସଂଖ୍ୟା. ୨୪୧୨, ତା. ୧୪.୦୫.୨୦୨୫ ଓ ୨୬୨୫, ତା. ୨୮.୦୫.୨୦୨୫ ପ୍ରକାରେ ଅଦ୍ୟ ତା. **୦୬.୦୬.୨୦୨୫ ରିଖ ଅପରାହ୍ନ ଘ.୪.୦୦** ସମୟରେ କମିଟିର ସମସ୍ତ ସଭ୍ୟଙ୍କ ଉପସ୍ଥିତିରେ ଟେଣ୍ଡର ବକ୍ସ ଖୋଲାଗଲା, କିନ୍ତୁ ଜଣାଗଲା ଯେ, କୌଣସି ନିଲାମଧାରୀ ଟେଣ୍ଡରରେ ଅଂଶ ଗ୍ରହଣ କରି ନାହାଁନ୍ତି । ତେଣୁ ପୁନଃ ଟେଣ୍ଡର ଡ଼କାଯିବା ପାଇଁ କମିଟିର ଉପସ୍ଥିତ ସମସ୍ତ ସଭ୍ୟ ମତ ପ୍ରକାଶ କରିଥିଲେ ।

ଏଣୁ ଇଛୁକ ବ୍ୟକ୍ତି ବା ଅନୁଷ୍ଠାନ ନିଜର ନାମ ଓ ସବିଶେଷ ବିବରଣୀ ସାଧା କାଗଜରେ ଲେଖି ଆସନ୍ତା **ତା ୧୩.୦୬.୨୦୨୫ ରିଖ ଦିବା ୨.୦୦ ଘଣ୍ଟା** ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଜଉମୁଦ ଦିଆ ଖାମରେ ଟେଣ୍ଡର ପେପର ନିମନ୍ତେ ନିର୍ଦ୍ଧାରିତ ବାକ୍ସରେ ପକାଇବା ପାଇଁ ଆହ୍ୱାନ କରାଯାଉଛି । ନିର୍ଦ୍ଧାରିତ ତାରିଖ ଓ ସମୟ ପରେ କୌଣସି ଟେଣ୍ଡର ପେପର ଗ୍ରହଣ କରାଯିବ ନାହିଁ ଏବଂ ସେହିଦିନ **ତା. ୧୩.୦୬.୨୦୨୫ ରିଖ ଅପରାହ୍ନ ଘ.୪.୦୦** ସମୟରେ କମିଟିର ସଭ୍ୟ ଏବଂ ନିଲାମଧାରୀଙ୍କ ଉପସ୍ଥିତିରେ ଟେଣ୍ଡର ପେପର ଖୋଲାଯିବ । ଏହି ଟେଣ୍ଡର ର ସର୍ବନିମ୍ନ ମୂଲ୍ୟ **ଟ ୫୦,୦୦,୦୦୦/- ଙ୍କା** (ପଚାଶ ଲକ୍ଷ ଟଙ୍କା ମାତ୍ର) ଧାର୍ଯ୍ୟ କରାଯାଇଅଛି । ଧାର୍ଯ୍ୟ ମୂଲ୍ୟରୁ କମ୍ ଦାମ୍ ଉଲ୍ଲେଖ ଥିବା ଟେଣ୍ଡର ପେପର ବିଚାର ପାଇଁ ଗ୍ରହଣ କରାଯିବ ନାହିଁ ଏବଂ ସଂପୃକ୍ତ ଟେଣ୍ଡର ପେପରଟି ରଦ୍ଦ କରି ଦିଆଯିବ । ଯଦି ସମସ୍ତ ନିଲାମ ଧାରୀ ଅସଫଳ ହୁଅନ୍ତି ତାହାହେଲେ ସେମାନଙ୍କ ସହ ଚୁକ୍ତି ପୂର୍ବକ ଆଲୋଚନା ମାଧ୍ୟମରେ ସର୍ବୋଚ୍ଚ ଟେଣ୍ଡର ମୂଲ୍ୟ ଧାର୍ଯ୍ୟ କରିବାପାଇଁ ନିମ୍ନ ସ୍ୱାକ୍ଷରକାରୀଙ୍କ ଅଧିକାର ଅଛି । ଇଛୁକ ବ୍ୟକ୍ତି ଅମାନତ ରାଶି **ଟ ୫,୦୦,୦୦୦/-ଙ୍କା** (ପାଞ୍ଚ ଲକ୍ଷ ଟଙ୍କା ମାତ୍ର) ପାରଳାଖେମୁଣ୍ଡି ସହରରେ ଅବସ୍ଥିତ ଯେକୌଣସି ଜାତୀୟକରଣ ବ୍ୟାଙ୍କ ଦ୍ୱାରା **Secretary, Ratha Yatra Committee, Paralakhemundi** ଙ୍କ ନାମରେ ଜାରି ହୋଇଥିବା ବ୍ୟାଙ୍କରସ୍ ଚେକ୍ କିମ୍ବା ବ୍ୟାଙ୍କ ଡ୍ରାଫ୍ଟ ମାଧ୍ୟମରେ ଟେଣ୍ଡର ପେପର ସହ ଦାଖଲ କରିବେ ଏବଂ ଅସଫଳ ନିଲାମଧାରୀ ଦେଇଥିବା ଚେକ୍ / ଡ୍ରାଫ୍ଟ ଫେରସ୍ତ ଦିଆଯିବ । **ସର୍ବୋଚ୍ଚ ନିଲାମ ଡାକିଥିବା ବ୍ୟକ୍ତି ବା ଚୁକ୍ତି ପୂର୍ବକ ଆଲୋଚନା ମାଧ୍ୟମରେ ମୂଲ୍ୟ ଧାର୍ଯ୍ୟ ହୋଇଥିବା ନିଲାମଧାରୀ ନିଲାମର ବକେୟା ଅର୍ଥ ତତକ୍ଷଣାତ ନଗଦ ଆକାରରେ ପୈଠ କରିବାକୁ ବାଧ୍ୟ । ଯଦି ସମ୍ପୂର୍ଣ୍ଣ ରାଶି ପୈଠ କରିବାରେ ଅସମର୍ଥ ହୁଅନ୍ତି ତେବେ ଟେଣ୍ଡର ପେପର ସହିତ ପୈଠ କରିଥିବା ଅମାନତ ରାଶି ବାଜ୍ୟାପ୍ତ (Forfeit) କରାଯିବ** ଏବଂ ପରବର୍ତ୍ତୀ ନିଲାମଧାରୀଙ୍କ ଟେଣ୍ଡର୍ ପେପରଟି ବିଚାରକୁ ନିଆଯିବ। ନିଲାମରେ ଅଂଶ ଗ୍ରହଣ କରୁଥିବା ବ୍ୟକ୍ତି ବା ଅନୁଷ୍ଠାନ ମୀନା ବଜାର ପ୍ରଦର୍ଶନ ନିମନ୍ତେ ଆବଶ୍ୟକୀୟ ବୈଧ ଅନୁମତି ପତ୍ର , ଯାନ୍ତ୍ରିକ ବିଭାଜନ (Mechanical Division) ଦ୍ୱାରା ପ୍ରଦତ୍ତ ନିରାପତ୍ତା ପ୍ରମାଣ ପତ୍ର ଟେଣ୍ଡର ପେପର ସହିତ ଦାଖଲ କରିବେ । ସର୍ବୋଚ୍ଚ ନିଲାମ ଡାକିଥିବା ବ୍ୟକ୍ତି ବା ଚୁକ୍ତି ପୂର୍ବକ ଆଲୋଚନା ମାଧ୍ୟମରେ ନିଲାମ ଡାକିଥିବା ବ୍ୟକ୍ତି ବା ଅନୁଷ୍ଠାନକୁ **ତା ୨୭.୦୬.୨୦୨୫ ରିଖ** ଠାରୁ **୧୦.୦୭.୨୦୨୫** ପର୍ଯ୍ୟନ୍ତ ମୀନାବଜାର ଆୟୋଜନ ପାଇଁ ଆଦେଶ ଦିଆଯିବ । ଗ୍ରହଣ କରାଯାଇଥିବା ଯେ କୌଣସି ଟେଣ୍ଡର ପେପର କିମ୍ବା ସମସ୍ତ ଟେଣ୍ଡର ପେପର ଗୁଡିକ କୌଣସି କାରଣ ନ ଦର୍ଶାଇ ରଦ୍ଦ କରିବାର ଅଧିକାର ନିମ୍ନ ସ୍ୱାକ୍ଷରକାରୀଙ୍କର ଅଛି ।

ନିମ୍ନ ନିର୍ଦ୍ଧାରିତ ମୂଲ୍ୟ ପ୍ରକାରେ ନିଲାମ ଧାରି ବିଭିନ୍ନ ଖେଳ ଓ ପ୍ରଦର୍ଶନ ଗୁଡିକ ଉପରେ (**ତା ୨୭.୦୬.୨୦୨୫ ରିଖ** ଠାରୁ **୧୦.୦୭.୨୦୨୫ ପର୍ଯ୍ୟନ୍ତ**) ଶୁଳ୍କ ଆଦାୟ କରିବେ ।

**୧. ରାମ ଦୋଳି - ପ୍ରତ୍ୟେକ ଟିକଟର ମୂଲ୍ୟ ଟ. ୮୦.୦୦ଙ୍କା**

**୨. ମୌଥକା କୂଅ - ପ୍ରତ୍ୟେକ ଟିକଟର ମୂଲ୍ୟ ଟ. ୮୦.୦୦ଙ୍କା**

**୩.ଡ୍ରାଗନ ଟ୍ରେନ୍ - ପ୍ରତ୍ୟେକ ଟିକଟର ମୂଲ୍ୟ ଟ. ୮୦.୦୦ଙ୍କା**

**୪. ବ୍ରେକ ଡ୍ୟାନସ୍ - ପ୍ରତ୍ୟେକ ଟିକଟର ମୂଲ୍ୟ ଟ. ୮୦.୦୦ଙ୍କା**

**୫. ମ୍ୟାଜିକ୍ ସୋ - ପ୍ରତ୍ୟେକ ଟିକଟର ମୂଲ୍ୟ ଟ. ୮୦.୦୦ଙ୍କା**

**୬. ଶିଶୁ (୧୨ ବର୍ଷ ପର୍ଯ୍ୟନ୍ତ) ମାନଙ୍କ ପାଇଁ ପ୍ରଦର୍ଶନ ଓ ଖେଳ ପ୍ରତ୍ୟେକ ଟିକଟ ର ମୂଲ୍ୟ ଟ. ୫୦.୦୦ଙ୍କା**

**୭. ଅନ୍ୟାନ ଉପକରଣ (କମିଟିର ଅନୁମୋଦନ ପ୍ରକାରେ)**

ବି.ଦ୍ର. - ତିନୋଟି ରଥ ଅବସ୍ଥାପିତ ନିମନ୍ତେ ଚିହ୍ନଟ ହୋଇଥିବା ଅଞ୍ଚଳ ମଧ୍ୟରେ ମୀନାବଜାର ପରିବେଷଣ ନିମନ୍ତେ ଅନୁମତି ଦିଆଯିବ ନାହିଁ । ଟିକଟ ମୂଲ୍ୟରେ ବ୍ୟତିକ୍ରମ ପରିଲକ୍ଷିତ ହେଲେ ନିଲାମଧାରୀଙ୍କ ଉପରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ସହ ଜୋରିମାନା ଆଦାୟ କରାଯିବ ।

**ଉପଜିଲ୍ଲାପାଳ,ପାରଳାଖେମୁଣ୍ଡି-ତଥା-ସମ୍ପାଦକ,**
**ରଥଯାତ୍ରା କମିଟି, ପାରଳାଖେମୁଣ୍ଡି**

**ପରିପତ୍ର ସଂଖ୍ୟା. ୨୭୦୮** **ତା. ୦୬.୦୬.୨୦୨୫**

ଏହାର ଏକକିତା ନକଲ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନୋଟିସ୍ ବୋର୍ଡ/ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନୋଟିସ ବୋର୍ଡ / ତହସିଲଦାରଙ୍କ କାର୍ଯ୍ୟାଳୟ ନୋଟିସ୍ ବୋର୍ଡ/ ପାରଳାଖେମୁଣ୍ଡି ପୌରପାଳିକା କାର୍ଯ୍ୟାଳୟ ନୋଟିସ୍ ବୋର୍ଡ ଏବଂ ସୂଚନା ଓ ଲୋକ ସଂପର୍କ ଅଧିକାରୀଙ୍କୁ ବହୁଳ ପ୍ରଚାର ଓ ପ୍ରସାର ତଥା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

**ଉପଜିଲ୍ଲାପାଳ,ପାରଳାଖେମୁଣ୍ଡି-ତଥା-ସମ୍ପାଦକ,**
**ରଥଯାତ୍ରା କମିଟି, ପାରଳାଖେମୁଣ୍ଡି**

**ପରିପତ୍ର ସଂଖ୍ୟା. ୨୭୦୯** **ତା. ୦୬.୦୬.୨୦୨୫**

ଏହାର ଏକକିତା ନକଲ ଜିଲ୍ଲା ଇ-ଗଭର୍ନେନ୍ସ ପରିଚାଳକ, ଗଜପତିଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ଏବଂ ଅନୁରୋଧ କରାଗଲା କି ଉକ୍ତ ବିଜ୍ଞାପନର ସବିଶେଷ ବିବରଣୀ ଗଜପତି ଜିଲ୍ଲାର ୱେବସାଇଟରେ **(www.gajapati.odisha.gov.in)** ସମସ୍ତଙ୍କ ଅବଗତି ନିମନ୍ତେ ଉପଲବ୍ଧ (Host) କରିବା ହେବେ ।

**ଉପଜିଲ୍ଲାପାଳ,ପାରଳାଖେମୁଣ୍ଡି-ତଥା-ସମ୍ପାଦକ,**
**ରଥଯାତ୍ରା କମିଟି, ପାରଳାଖେମୁଣ୍ଡି**

# ମୀନା ବଜାର ନିଲାମ ଇସ୍ତାହାର

ଚଳିତ ୨୦୨୫ ବର୍ଷ ପାରଳାଖେମୁଣ୍ଡି ରଥଯାତ୍ରା ଉପଲକ୍ଷେ ଗୁଣ୍ଡିଚାବାଡ଼ି ପଡ଼ିଆ ଠାରେ ମୀନା ବଜାର ଆୟୋଜନ କରିବା ନିମନ୍ତେ ଇଚ୍ଛୁକ ବ୍ୟକ୍ତି ଅଥବା ଅନୁଷ୍ଠାନ ଠାରୁ ନିଲାମ ଆହ୍ୱାନ କରାଯାଉଅଛି । ଏଣୁ ଇଚ୍ଛୁକ ବ୍ୟକ୍ତି ବା ଅନୁଷ୍ଠାନ ନିଜର ନାମ ଓ ସବିଶେଷ ବିବରଣୀ ସାଧା କାଗଜରେ ଲେଖି ଆବଶ୍ୟକ ଦସ୍ତାବିଜ୍ ଓ ଅମାନତ ରାଶି ସହ ଜଉମୁଦ ଦିଆ ଲଫାପାରେ ଆସନ୍ତା **ତା. ୧୩.୦୬.୨୦୨୫ ରିଖ ଦିବା ୨.୦୦ ଘଣ୍ଟା** ସୁଦ୍ଧା ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଦାଖଲ କରିପାରିବେ । ନିର୍ଦ୍ଧାରିତ ତାରିଖ ଓ ସମୟ ପରେ କୌଣସି ଆବେଦନ ପତ୍ର ଗ୍ରହଣ କରାଯିବ ନାହିଁ ଏବଂ ସେହିଦିନ **ତା. ୧୩.୦୬.୨୦୨୫ ରିଖ ଅପରାହ୍ନ ଘ.୪.୦୦** ସମୟରେ କମିଟିର ସଭ୍ୟ ଏବଂ ନିଲାମଧାରୀଙ୍କ ଉପସ୍ଥିତିରେ ଟେଣ୍ଡର ପେପର ଖୋଲାଯିବ । ଏଥି ସଂକ୍ରାନ୍ତିୟ ସବିଶେଷ ବିବରଣୀ ଗଜପତି ଜିଲ୍ଲା ୱେବସାଇଟରେ **(www.gajapati.odisha.gov.in)** ସମସ୍ତଙ୍କ ଅବଗତି ନିମନ୍ତେ ଉପଲବ୍ଧ ଅଛି ।

**ଉପଜିଲ୍ଲାପାଳ,ପାରଳାଖେମୁଣ୍ଡି-ତଥା-ସମ୍ପାଦକ,**
**ରଥଯାତ୍ରା କମିଟି, ପାରଳାଖେମୁଣ୍ଡି**